# ଗୋଷ୍ଠୀକୁ ପ୍ରେରଣା ଓ ପ୍ରୋତ୍ସାହନ

## ଜଣେ ଅଙ୍ଗନବାଡି କର୍ମୀ ନିଜ ଗୋଷ୍ଠୀ ବା ସମାଜକୁ ପ୍ରେରଣା ଓ ପ୍ରୋତ୍ସାହନ ଦେବାକୁ କଣ କରି ପାରିବେ?

- ପୋଷଣ ଏବଂ ସ୍ୱାସ୍ଥ୍ୟ ଶିକ୍ଷାର ଜ୍ଞାନ ତଥା ସେ ସମ୍ବନ୍ଧୀୟ କାର୍ଯ୍ୟକଳାପ ଗୁଡିକୁ ଆୟୋଜିତ କରାଇପାରିବେ ।
- ଅଞ୍ଚଳରେ ପୋଷଣ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବାର୍ତ୍ତା ଗୁଡିକୁ ପ୍ରଚାର କରିବା ପାଇଁ ଗଣମାଧ୍ୟମ ଗୁଡିକ ଯେମିତି ଟିଭି, ରେଡିଓ, କ୍ଷୁଦ୍ର ନାଟିକା, ନାଟକ, ଲୋକଗୀତ ଇତ୍ୟାଦି ଗୁଡିକର ଉପଯୋଗ କରାଇବା ।
- ଏମ୍.ଡବ୍ଲ୍ୟୁ.ସି.ଡି. ର ଆଇ.ଇ.ସି. ପ୍ରଚାର ସାମଗ୍ରୀ ବ୍ୟବହାର କରି, ଆଇ.ୱାଇ.ସି.ଏଫ୍. ଅଭ୍ୟାସ ର ପ୍ରୋତ୍ସାହନ, ବେମାର ବେଳେ ଟିକା ଓ ଗର୍ଭାବସ୍ଥା ସମୟରେ ଯତ୍ନ, ସ୍ୱାସ୍ଥ୍ୟ ଅନୁକୂଳ ଖାଦ୍ୟ ଗ୍ରହଣ ଅଭ୍ୟାସ ଇତ୍ୟାଦି ଅନୁସରଣ ପାଇଁ ପ୍ରେରଣା ।
- ଗୋଷ୍ଠୀକୁ ସଚେତନ ଓ ପ୍ରୋତ୍ସାହିତ କରିବା ପାଇଁ ମା' ମାନଙ୍କର ବୈଠକ, ଗୋଷ୍ଠୀର ବୈଠକ ଇତ୍ୟାଦି ଆୟୋଜନ କରାଇବା । ପି.ଏଲ୍.ଏ. କୌଶଳର ବ୍ୟବହାର କରାଯିବା ଆବଶ୍ୟକ ।
- ଗୋଷ୍ଠୀର ଆବଶ୍ୟକତା ପୂରଣ ପାଇଁ କମ୍ୟୁନିଟି ରେଡିଓ ର ସ୍ଥାପନା ଓ ପରିଚାଳନା ଯଦି ସମ୍ଭବ ହୋଇପାରେ ତେବେ ସେ ବ୍ୟବସ୍ଥା ଗ୍ରହଣ କରାଯାଇପାରେ ।



## ଗୋଷ୍ଠୀକୁ ପ୍ରେରିତ କରିବାର ଉଦ୍ଦେଶ୍ୟ

- ସମସ୍ତ ନୀତିର କାର୍ଯ୍ୟକାରୀତା ବଢିବାରେ ସାହାଯ୍ୟ ମିଳିଥାଏ ।
- ସମ୍ବେଦନଶୀଳ ଗୋଷ୍ଠୀକୁ ସହାୟତା ପାଇଁ ନୂଆ ଏବଂ ସୃଜନଶୀଳ ପ୍ରୟୋଗ ଗୁଡିକର ଦାବୀରେ ବୃଦ୍ଧି ହେବା ।
- ପୂର୍ବରୁ ଲାଗୁ ହୋଇଥିବା ପ୍ରୟୋଗ ଓ ପ୍ରଣାଳୀ ଗୁଡିକର ପ୍ରଭାବଶାଳୀ ଢଙ୍ଗରେ ପ୍ରଭାବ ବିସ୍ତାର ଓ ସଫଳତାର ମାତ୍ରା ବଢିବା ।
- ଗୋଷ୍ଠୀ ସଚେତନ ହେବ ଏବଂ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ଗୁଡିକର ଲାଭ ଗ୍ରହଣର ମାତ୍ରାରେ ବୃଦ୍ଧି ହେବ ।
- ଏହା ଦ୍ୱାରା ଜିଲ୍ଲାର ସୁଦୂର ଅଗମ୍ୟ ଅଞ୍ଚଳ ଯାଏ ବାର୍ତ୍ତା ପହଞ୍ଚି ପାରିବ ।
- ଗୋଷ୍ଠୀର ଏକତା ସଫଳତାର ମାତ୍ରା ବଢିବ ।

## ସକ୍ରିୟ ଭାବେ ଗୋଷ୍ଠୀର ଅଂଶଗ୍ରହଣ ପାଇଁ ମନେରଖିବା ଯୋଗ୍ୟ ବିନ୍ଦୁ

- ଜଣେ ଅଙ୍ଗନବାଡି କର୍ମୀଙ୍କୁ ଗୋଟିଏ ଗୋଷ୍ଠୀକୁ ଶିକ୍ଷିତ, ପ୍ରେରିତ କରି ଏପରି ଭାବରେ ସଂଗଠିତ କରିବାକୁ ତାଲିମ୍ ଦିଆଯାଇଥାଏ, ଯାହାଦ୍ୱାରା କି ସେମାନେ ଶିଶୁ ମାନଙ୍କର ଜୀବନ ଧାରଣ ଓ ବିକାଶର ମାତ୍ରା ବୃଦ୍ଧି ପାଇଁ ସମନ୍ୱିତ ଶିଶୁ ବିକାଶ ସେବା ସମୂହ କାର୍ଯ୍ୟକ୍ରମ ଗୁଡିକରେ ସକ୍ରିୟ ଅଂଶଗ୍ରହଣ କରିପାରିବେ ।
- ଆପଣଙ୍କ ଗୋଷ୍ଠୀ କୁ ଭଲଭାବରେ ଜାଣନ୍ତୁ, କମ୍ୟୁନିଟିର ସମସ୍ୟା ଓ ସେମାନଙ୍କର ଆବଶ୍ୟକତା ଗୁଡିକୁ ବୁଝନ୍ତୁ । ସମାଜରେ କି ପ୍ରକାର ଅନ୍ଧବିଶ୍ୱାସ ଇତ୍ୟାଦି ପ୍ରଚଳିତ ସେଗୁଡିକ ବିଷୟରେ ଜାଣନ୍ତୁ ଏବଂ ସଚେତନ ରୁହନ୍ତୁ ।
- ସମାଜ ବା ଗୋଷ୍ଠୀର ଲୋକମାନଙ୍କୁ ଧ୍ୟାନର ସହ ଶୁଣନ୍ତୁ । ସେହିପରି କିଛି ନୂଆ ପ୍ରୟୋଗ ଆରମ୍ଭ କରନ୍ତୁ ନାହିଁ, ଯାହା ବର୍ତ୍ତମାନ ଚାଲିଥିବା ଅଭ୍ୟାସ ଓ ବିଶ୍ୱାସ ର ପ୍ରତିକୂଳ ହୋଇଥିବ ।
- ଗୋଷ୍ଠୀର ବିଚାରଧାରା କାର୍ଯ୍ୟପଦ୍ଧତି କୁ ସମୀକ୍ଷା କରନ୍ତୁ, ସେହିପରିସ୍ଥିତି ସହ ଖାପ ଖୁଆଇ କାମ କରାନ୍ତୁ । ପ୍ରଥମରୁ ଗୋଷ୍ଠୀକୁ ସମନ୍ୱିତ ଶିଶୁ ବିକାଶ ସେବା ସମୂହ ରେ ସଂପୃକ୍ତ କରାନ୍ତୁ ।
- ଯଦି ଗୋଷ୍ଠୀ ମଧ୍ୟରେ କିଛି ନକାରାତ୍ମକ ଅଭିଜ୍ଞତା ଥାଏ, ତାକୁ ସମ୍ମାନ ଦିଅନ୍ତୁ/ଗୁରୁତ୍ୱ ଦିଅନ୍ତୁ ଏବଂ କେବଳ ଶୁଣିକରି ନୁହେଁ ବରଂ କିଛି କରି, ତାଙ୍କର ଏ ଅନୁଭୂତି କୁ ଦୂର କରନ୍ତୁ ପରିବର୍ତ୍ତନ ଆଣନ୍ତୁ ।

*ଗୋଟିଏ ଗୋଷ୍ଠୀକୁ ପ୍ରେରିତ ଓ ପ୍ରୋତ୍ସାହିତ କରିବାକୁ ସମୟ ଲାଗେ ଓ ପରିଶ୍ରମ କରିବାକୁ ପଡିଥାଏ । ଯେହେତୁ ଆପଣ ନିଜ କାମରେ ବେଶ୍ ଦକ୍ଷ, କ୍ରମାଗତ ପ୍ରଶିକ୍ଷଣ ଓ ସମର୍ଥନ ଦ୍ୱାରା ଆପଣ ଧିରେ ଧିରେ ଗୋଷ୍ଠୀକୁ ତାର ଅଧିକାର ପାଇବାରେ ପ୍ରେରିତ ଏବଂ ସକ୍ଷମ କରିପାରିବେ । ତେଣୁ ଧୈର୍ଯ୍ୟ ଓ ଆଶା ହରାଇବା ଆଦୌ ଉଚିତ୍ ନୁହେଁ ।*

## ଅଙ୍ଗନବାଡି କର୍ମୀଙ୍କ ପାଇଁ ଗୋଷ୍ଠୀକୁ ପ୍ରୋତ୍ସାହିତ କରିବାର ମୁଖ୍ୟ ପଦକ୍ଷେପ

